# Akashvani, Sambalpur

## SAMBALPURI NEWS EVENING BULLETIN

## 4 September 2026-7.02- 7.12 pm.

---

୧- ରାଜ୍ୟର୍ ୪୧ ଲାଖ୍ ନୁ ଅଏତ୍କା କୃଷକ୍ ପରିବାର୍ଙ୍କୁ ୮ ଶହ ୩୩ କୋଟି ଟଙ୍କାର୍ ସିଏମ୍ କିଷାନ୍ ସାହାଜ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ରାଷ୍ଟ୍ରୀୟ ଶିଶୁ ଅଧିକାର୍ ସଂରକ୍ଷଣ୍ ଆୟୋଗ୍ର ଖାସ୍ ଅଭିଯାନ୍ ଜରିଏ ୩ ହଜାର୍ ୮ ଶହ ନୁ ଅଏତ୍କା ଛୁଆଙ୍କୁ କରାଯାଇଛେ ଶ୍ରମମୁକ୍ତ ।

୩- ଶ୍ରଦ୍ଧା ଆଉ ଭକ୍ତିର୍ ସହେତେ ପୁରୀ ଶ୍ରୀମନ୍ଦିର୍ ଆଉ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପାଳନ୍ କରାଯାଉଛେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ।

ଆଉର୍

୪- ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସୁଧିରିଛେ ବଏଢ୍ ଥିତି ।

ସି.ଏମ୍. କିଷାନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ କୃଷି, କୃଷକ୍ ମାନ୍‌କର୍ ଆର୍ଥିକ୍ ସୁରକ୍ଷା ଆଉ ସ୍ୱାବଲମ୍ବନ୍‌କେ ବର୍‌କସ୍ କର୍‌ବାର୍ ଦିଗେ ସି.ଏମ୍. କିଷାନ୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପବିତ୍ର ଜନ୍ମାଷ୍ଟମୀ ଆଉ କୃଷିଭିତିକ ଗଣପର୍ବ ନୂଆଖାଇ ଆଗ୍‌ରୁ ରାଜ୍ୟର୍ ଚାଷୀ ଭାଇ ବହେନ୍ ମାନ୍‌କର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଚଲ୍‌ତି ରବି ଋତୁ ଲାଗି ସିଏମ୍ କିଷାନ୍ ଯୋଜ୍‌ନାର୍ କିସ୍ତି ହସ୍ତାନ୍ତର୍ କରିଛନ୍ । ଭୁବ୍‌ନେଶ୍ୱର୍ ଓୟୁଏଟି ନ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଆଏଜ୍ ୪୧ ଲାଖ୍ ୩୫ ହଜାର୍ ୯ ଶହ ୭୮ ଝନ୍ କ୍ଷୁଦ୍ର ଆଉ ନାମମାତ୍ର ଚାଷୀ ଆର୍ ୧୩ ହଜାର୍ ୯ ଶହ ୪୫ ଝନ୍ ଭୂମିହୀନ କୃଷି ପରିବାର୍‌ଙ୍କର୍ ଏକାଉଂଟ୍‌କେ ଡିବିଟି ଜରିଏ ୮ ଶହ ୩୩ କୋଟିନୁ ଅଏତ୍‌କା ଟଙ୍କାର୍ ସାହାଜ୍ ସିଧାସଲଖ୍ ହସ୍ତାନ୍ତର୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, କ୍ଷୁଦ୍ର, ନାମମାତ୍ର ଚାଷୀମାନ୍‌କର୍ ସହେତେ ଭୂମିହୀନ ପରିବାର୍‌ଙ୍କୁ ସାହାଜ୍ ଦେବାର୍ ଲାଗି କୃଷିକ୍ଷେତ୍ରକେ

ଆହୁରି ସଶକ୍ତ କରାଯାଉଛେ । ଚାଷୀମାନ୍‌କର୍ ଦର୍‌କାର୍ ସମିଆଥି ଆର୍ଥିକ୍ ସାହାଜ୍ ଯୁଗାବାର୍ ସହେତେ ସେମାନ୍‌କର୍ କମାନି ଆଉ ଜୀବନ୍ ଜୀବିକାକେ ବର୍‌କସ୍ କର୍‌ବାର୍ ଦିଗେ ଇ ଯୋଜ୍‌ନା ନିରନ୍ତର୍ କାମ୍ କରୁଛେ ।

୨୦୨୫ -୨୬ ଆର୍ଥିକ୍ ବଛର୍ ନ ୧୮ ଲାଖ୍ ୪୮ ହଜାର୍ ଚାଷୀଙ୍କର୍ ଠାନୁ ୭୭ ଲାଖ୍ ୪୮ ହଜାର୍ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇକରି ୫ ହଜାର୍ ୬ ଶହ ୩୩ କୋଟି ୮୪ ଲାଖ୍ ଟଙ୍କା ଦିଆଯାଇଛେ । ଚାଷୀ ପରିବାର୍ ମାନ୍‌କର୍ ଆତ୍ମନିର୍ଭରଶୀଳତା ଆଉ ଚାଷ୍ କାମ୍‌ଥି ସମୃଦ୍ଧି ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ସବୁବେଲେ ଚେଷ୍ଟା ଜାରି ରହେବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଚାଷୀମାନ୍‌କୁ ଫସଲ୍ ବିବିଧିକରଣ୍ ଜରିଏ ଧାନ୍ ଚାଷ୍ ସହେତେ କୁକୁଡ଼ାପାଲନ୍, ମାଛ୍ ଚାଷ୍, ଟସର୍ ଚାଷ୍ ବାଗିର୍ ସାମୂହିକ୍ ଚାଷ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ଚାଷୀମାନ୍‌କର୍ କମାନୀ, ୨ ଗୁନା କର୍‌ବାର୍ ଆଉ ମହିଲାମାନ୍‌କୁ ଲକ୍ଷପତି କର୍‌ବାର୍ ଲାଗି ସେମ୍‌କର୍ ଚେଷ୍ଟା ଜରୁରୀ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଜିଲ୍ଲାସ୍ତର୍ ନ ଆୟୋଜିତ୍ କାର୍ଯ୍ୟକ୍ରମ୍‌ଥି ଅଲ୍‌ଗା ମନ୍ତ୍ରୀ ମାନେ ସି.ଏମ୍. କିଷାନ୍ କିସ୍ତି ଦେଇଛନ୍ । କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍‌ହଲ୍ ଠାନେ କିଷାନ୍ ସାହାଜ୍ ଟଙ୍କା ବଂଟନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି କଲାହାଣ୍ଡି ଜିଲ୍ଲାର୍ ୧ ଲାଖ୍ ୬୯ ହଜାର୍ ୮ ଶହ ୫୦ ଝନ୍ ଚାଷୀଙ୍କୁ ଯୋଜ୍‌ନାଥି ୩୪ କୋଟି ୨୬ ଲାଖ୍ ୬୯ ହଜାର୍ ଟଙ୍କାର୍ ସାହାଜ୍ ବାଂଟିଛନ୍ ।

ସିଏମ୍ କିଷାନ୍-୧ ବର୍‌ଗଡ଼୍/ ନୂଆପଡ଼ା/ କଲାହାଣ୍ଡି

ବର୍‌ଗଡ଼୍ ଜିଲ୍ଲା ନ ଆଭାସୀ ଜରିଏ ହେଇଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାର୍ ୧ ଲାଖ୍ ୭୪ ହଜାର୍ ୭ ଶହ ୯୮ ଝନ୍ ହିତାଧିକାରୀଙ୍କୁ ଆର୍ଥିକ୍ ସାହାଜ୍ ଯୁଗେଇ ଦିଆଯାଇଛେ । ଜିଲ୍ଲା କୃଷି ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ନୂଆପଡ଼ା ଜିଲ୍ଲା ଶିଲ୍‌ଧା ନ ଥିବା ଡିପିଆର୍‌ସି ଭବନ୍ ନ ହେଇଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍‌ଥି ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ଯୋଗ୍ ଦେଇଥିଲେ ।

ଶିକ୍ଷକ୍ ଦିବସ ଆର୍‌ଏନ୍‌ୟୁ/ କଟକ୍

ସାରା ଦେଶେ ଆଏବା କାଏଲ୍ ଗୁରୁ ଦିବସ୍ ପାଲନ୍ କରାଯିବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ଆଏବା କାଏଲ୍ ଶିକ୍ଷା କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ମୋଟ୍ ୮୨ ଝନ୍ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ୍ ପୁରସ୍କାର୍ ପ୍ରଦାନ୍ କର୍‌ବେ । ଇଥି ଓଡ଼ିଶାର୍ ମୟୁର୍‌ଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ମୋଡ଼େଲ୍ ଆବାସିକ ବିଦ୍ୟାଳୟର୍ ଶିକ୍ଷକ୍ ମହମ୍ମଦ୍ ଜାଫର୍ ଆଲମ୍ ଆଉ ଜଗତ୍‌ସିଂହପୁର୍ ଆଳିପିଙ୍ଗଳ ସର୍‌କାରୀ ଉଚ୍ଚବିଦ୍ୟାଳୟର୍ ଶିକ୍ଷକ୍ ପଦରାଜ ଉମାକାନ୍ତ ନାୟକ୍ ସମ୍ମାନିତ୍ ହେବେ ।

ରାଏଜେ ଉତ୍ସର୍ଗୀକୃତ ଶିକ୍ଷାଦାନ୍ ଲାଗି ସବୁ ବିଦ୍ୟାଳୟ ନ ଅବସରପ୍ରାପ୍ତ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯିବା ।

ଇଥିର୍‌ଲାଗି ସବୁ ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ଜିଲ୍ଲା ପ୍ରକଳ୍ପ ସଂଯୋଜକ ମାନ୍‌କୁ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ସଚିବ ଏମ୍.ତିରୁମାଲା ନାୟକ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଏନ୍.ସି.ପି.ସି.ଆର୍ ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରୀୟ ଶିଶୁ ଅଧିକାର୍ ସଂରକ୍ଷଣ୍ ଆୟୋଗ୍- ଏନ୍.ସି.ପି.ସି.ଆର୍ ଗୁଟେ ଖାସ୍ ଅଭିଯାନ୍ ଜରିଏ ସାରା ଦେଶେ ୩ ହଜାର୍ ୮ ଶହ ନୁ ଅଏତ୍‌କା ଛୁଆଙ୍କୁ ଶ୍ରମମୁକ୍ତ କରିଛନ୍ । ଇ ଅଭିଯାନ୍ ସମିଆଥି ୫ ଶହ ୭୫ ମାମ୍‌ଲା ଦାଏର୍ କରାଯାଇଛେ । କେନ୍ଦ୍ର ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ଗଲା ଜୁନ୍ ୧୨ ତାରିଖିନୁ ଅଗଷ୍ଟ ୩୧ ତାରିଖିତକ୍ ଆୟୋଗ୍ ଭିନ୍ ଭିନ୍ ରାଜ୍ୟ ସର୍‌କାର୍, ପୁଲିସ୍, ଆଉ ଅଲ୍‌ଗା ପ୍ରତିଷ୍ଠାନ୍ ଜରିଏ ଖାସ୍ ଅଭିଯାନ୍ ଚଲେଇଥିଲା । ଇଥି ଛୁଆମାନ୍‌କର୍ ଥଇଥାନ୍ ସହେତେ ସେମାନ୍‌କୁ ଶ୍ରମମୁକ୍ତ କର୍‌ବାର୍ ଲାଗି ସଚେତନତା ଅଭିଯାନ୍‌ର ଆୟୋଜନ୍ କରାଯାଇଥିଲା ।

ଜନ୍ମାଷ୍ଟମୀ ଆର୍‌ଏନ୍‌ୟୁ ସମ୍ବଲପୁର/ ସୁବର୍ଣ୍ଣପୁର୍/ ଦେବଗଡ଼୍

ଶ୍ରଦ୍ଧା ଆଉ ଭକ୍ତିର୍ ସହେତେ ଆଏଜ୍ ଭଗବାନ ଶ୍ରୀକୃଷ୍ଣଙ୍କର୍ ଜନ୍ମୋତ୍ସବ୍- ଜନ୍ମାଷ୍ଟମୀ ପାଲନ୍ କରାଯାଉଛେ । ଭୁଦୋ ମାସର୍ ଅନ୍ଧାର୍‌ପଖର୍ ଅଷ୍ଟମୀ ତିଥି ନ ଭଗବାନ୍ ଶ୍ରୀକୃଷ୍ଣ ଜନମ୍ ହେଇଥିଲେ ବଲି ପୁରାଣ ଶାସ୍ତ୍ରଥି ବର୍ଣ୍ଣନା ରହିଛେ । ଇ ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ସହେତେ କ୍ଷୀରଚୋରା ଗୋପୀନାଥ୍ ମନ୍ଦିର୍ ଆଉ ଅଲ୍‌ଗା ମନ୍ଦିର୍ ମାନ୍‌କେ ଖାସ୍ ପୂଜାର୍ଚ୍ଚନା କରାଯାଉଛେ । ପୁରୀ ଶ୍ରମୀନ୍ଦିର୍ ନ ଆଏଜ୍ ସନ୍ଧ୍ୟାଧୂପ ଶେଷ୍ ହେବାର୍ ଉତ୍‌ରୁ କୃଷ୍ଣ ଜନ୍ମ ନୀତି ମୁଲ୍ ହେବା । ଆଏଜ୍‌ଠାନୁ ଶ୍ରୀକୃଷ୍ଣଙ୍କର୍ ଜନ୍ମନୀତି ମୁଲ୍ ହେଇକରି ବଣଭୋଜି, କାଳିଅଦଲନ ସହେତେ କଂସବଧ ତକ୍ ଶ୍ରୀକୃଷ୍ଣଙ୍କର୍ ଲୀଳା ଶ୍ରୀମନ୍ଦିର୍ ନ କରାଯିବା । ମହାଜନ୍ ସେବାୟତ୍, ଦେବକୀ ଆଉ ବସୁଦେବ ବେଶଥି ଉପସ୍ଥିତ୍ ରହିକରି ଅଧାରାତି ମାହାପୁରୁଙ୍କର୍ ଜନ୍ମନୀତି କର୍‌ବାର୍ ସହେତେ ନାଭିକଟା ମଣ୍ଡପ୍ ନ ପରମ୍ପରା ଅନ୍‌ସାରେ ଖାସ୍ ପୂଜା ବିଧି କର୍‌ବେ । ଶ୍ରୀକୃଷ୍ଣଙ୍କର୍ ଜନ୍ମନୀତି ଲାଗି ଆଏଜ୍ ବେଲ୍‌ବୁଡ଼ର୍ ୭ ବଜେନୁ ରାତି ୧୨ ବଜେତକ୍ ଶ୍ରୀମନ୍ଦିର୍ ନ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଛେ ।

ସମ୍ବଲ୍‌ପୁର୍ ସହରର୍ ଗୋପାଲ୍‌ଜୀ ମଠ, ରାଧାମଦନ୍‌ଗୋପାଲ୍ ମନ୍ଦିର୍, ବର୍‌ହମ୍‌ପୁରା ଗୁଡ଼ି ଆର୍ ଅଠର୍‌ହଜାର୍ ନ ଥିବା ଇସ୍କନ୍ ମନ୍ଦିର୍ ନ ଆଏଜ୍ ଜନ୍ମାଷ୍ଟମୀ ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଛେ । ଇତାର୍‌ସଙ୍ଗେ ଜିଲ୍ଲାର୍ ରାଧାକୃଷ୍ଣ ଆର୍ ଜଗନ୍ନାଥ ମନ୍ଦିର୍‌ମାନ୍‌କୁ ଭିଲ୍ ଜନ୍ମାଷ୍ଟମୀ ପାଲନ୍ କରାଯାଉଛେ ।

ସୁବର୍ଣ୍ଣପୁର୍‌ର ରାଜ୍‌ବାଟି ଭିତ୍‌ରେ ଥିବା ଶ୍ରୀଗୋପାଲ୍‌ଜୀ ମନ୍ଦିର ବଡ଼ଖମାର ଗାଁର୍ ଶ୍ୟାମସୁନ୍ଦର୍ କୁଞ୍ଜକୁଟୀର, ପାତାଳୀ ଶ୍ରୀକ୍ଷେତ୍ର ସହେତେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୈଷ୍ଣବ ମଠ ଆର୍ ରାଧାକୃଷ୍ଣ ମନ୍ଦିର୍‌ମାନ୍‌କେ ଜନ୍ମାଷ୍ଟମୀ ପରବ ପାଲନ୍ କରାଯାଉଛେ । ମନ୍ଦିର୍ ପରିସର୍ ମାନ୍‌କେ ଜନ୍ମାଷ୍ଟମୀ ମଙ୍ଗଳାଚରଣ୍ ମୂଲ୍ ହେଇକରି ହରିବଂଶ ମହାପୁରାଣ ପାଠ କରାଯାଉଛେ ।

ଦେବ୍‌ଗଡ଼୍ ଜିଲ୍ଲା ଜଗନ୍ନାଥ୍ ମନ୍ଦିର୍, ରାଧାକୃଷ୍ଣ ମନ୍ଦିର୍, ଗୋପାଲ୍‌ଜୀଉ ମନ୍ଦିର୍, ଗୋପୀନାଥ୍ ମନ୍ଦିର୍ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଗାଁ ମାନ୍‌କେ ଜଗନ୍ନାଥ୍ ଆଉ ରାଧାକୃଷ୍ଣ ମନ୍ଦିର୍ ନ ଭକ୍ତମୟ ପରିବେଶ୍‌ଥି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଲନ୍ କରାଯାଉଛେ ।

ବିଜେପି ରାଜ୍ୟ କାର୍ଯ୍ୟକାରିଣୀ		କଟକ୍ ସମ୍ବାଦଦାତା

କଟକ୍ ନ ଥିବା ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଆଏବାକାଏଲ୍‌ଠାନୁ ବିଜେପିର୍ ପରିବର୍ଦ୍ଧିତ୍ ରାଜ୍ୟକାର୍ଯ୍ୟକାରିଣୀ ବୈଠକ୍ ହେବା । ବୈଠକ୍‌ଥି ଦଲର୍ ଇହାଦେର୍ ସ୍ଥିତି, ସାଂଗଠନିକ୍ ଦକ୍ଷତା ଆର୍ ସର୍‌କାରୀ ଯୋଜ୍‌ନାର୍ ଠିକ୍ ଭାବେ ରୂପାୟନ୍ ବାବ୍‌ଦେ ଠିକ୍ ଭାବେ ଆଲୋଚନା ହେବା ବଲି ଆମର୍ ସମ୍ବାଦଦାତା ଜନେଇଛନ୍ । ବୈଠକ୍‌ଥି ଆଏବା ପଂଚାୟତ୍ ନିର୍ବାଚନ୍ ଲାଗି ଭିଲ୍ ଆଲୋଚନା ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ବୈଠକଥି ରାଜ୍ୟ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ, ସବୁ ସାଂସଦ୍, ବିଧାୟକ୍, ରାଜ୍ୟ ପଦାଧିକାରୀ ଦଲର୍ ରାଷ୍ଟ୍ରୀୟ ସାଧାରଣ୍ ସମ୍ପାଦକ୍ ରାଜ୍ୟପ୍ରଭାରୀଙ୍କର୍ ସହେତେ ଅଲ୍‌ଗା ଶୀର୍ଷ ନେତାମାନେ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ସ୍ୱାସ୍ଥ୍ୟମନ୍ତ୍ରୀ ସମୀକ୍ଷା		କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ସ୍ୱାସ୍ଥ୍ୟସେବା ଆଉ ଭିନ୍ ଭିନ୍ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ୍‌କେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସମୀକ୍ଷା କରିଛନ୍ । ଜିଲ୍ଲାର୍ ସ୍ୱାସ୍ଥ୍ୟ ଭିତିଭୂମି, ମାନବ ସମ୍ବଳ, ମାତୃ ଆଉ ଶିଶୁ ସୁରକ୍ଷା, ଟୀକାକରଣ୍, ରକ୍ତହୀନତା ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ ମନ୍ତ୍ରୀ- ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଜିଲ୍ଲାର୍ ସ୍ୱାସ୍ଥ୍ୟ ସେବାକେ ବର୍‌କସ୍ କର୍‌ବାର୍ ଦିଗେ ଜୋର୍ ଦେବାର୍‌କେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଜାତୀୟ ବନ୍ୟପ୍ରାଣୀ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ବନ୍ୟପ୍ରାଣୀମାନ୍‌କର୍ ସୁରକ୍ଷା ଆଉ ସେମାନ୍‌କର୍ ଗୁରୁତ୍ୱ ଉପ୍‌ରେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଦେଶେ ଫି ବଛର୍ ସେପ୍ଟେମ୍ବର୍ ୪ ତାରିଖ୍ ଦିନ 'ଜାତୀୟ ବନ୍ୟପ୍ରାଣୀ ଦିବସ୍' ପାଲନ୍ କରାଯାଏସି । ବନ୍ୟପ୍ରାଣୀମାନ୍‌କୁ ସୁରକ୍ଷା ଦିଗେ ପଦକ୍ଷେପ୍ ନିଆଯିବାର୍ ଲାଗି ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ସାଙ୍ଗେ ବୁଝାବାର୍‌ଟା ଆଝିର୍ ଦିବସ୍ ପାଲନ୍‌ର

ମୁଖିଆ ଲକ୍ଷ୍ୟ ଆଏ । । ଇତାର୍‌ଛଡ଼ା ସ୍କୁଲ୍, କଲେଜ୍ ନ ଭିନ୍ ଭିନ୍ ସଚେତନ୍ କାର୍ଯ୍ୟକ୍ରମ୍ ଭିଲ୍ କରାଯାଏସି । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍, ବନ୍ୟପ୍ରାଣୀ ଆମର୍ ପ୍ରକୃତି ଆଉ ପରିବେଶ୍‌ର ଅମୂଲ୍ୟ ସମ୍ପଦ୍ ଆନ୍ । ସେମାନ୍‌କର୍ ପ୍ରାକୃତିକ୍ ରହେବା ଜାଗାର୍ ସଂରକ୍ଷଣ୍ ଆଉ ଗୁଟେ ସୁସ୍ଥ ଆଉ ସମୃଦ୍ଧ ପରିବେଶ୍ ଗଠନ୍ ଦିଗେ ସଭେ ଯତ୍ନବାନ୍ ହେବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଲଘୁଚାପ୍‌ର ପ୍ରଭାବ୍‌ଥି ହେଇଥିବା ବର୍ଷା ଉତ୍‌ରୁ ବାଲେଶ୍ୱର୍, ଯାଜ୍‌ପୁର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ କେତେଟା ଜାଗା ନ ପାଏନ୍ ମାଡ଼ିଛେ । ବାଲେଶ୍ୱର୍ ଜିଲ୍ଲାର୍ ୫ ଟା ବ୍ଲକ୍‌ର ୨ ଶହ ୧୪ ଟା ଗାଁ ବଏଢ୍ ଲାଗି ପ୍ରଭାବିତ୍ ହେଇଛନ୍ । ସେନ୍ତା ଯାଜ୍‌ପୁର୍ ଜିଲ୍ଲାର୍ ୬୨ ଟା ଗାଁ ଆଉ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ୯୭ ଗାଁ ନ ବଏଢ୍ ଥିତି ଦେଖିବାର୍‌କେ ମିଳିଛେ । କଟକ୍‌ର ନରାଜ୍ ନ ମହାନଦୀ,

ରାଉର୍‌କେଲାର୍ ପାନ୍‌ପୋଷ୍ ନ ବ୍ରାହ୍ମଣୀ ଭଦ୍ରକ୍‌ର ଆଖୁଆପଦା ଠାନେ ବୈତରଣୀ ଆଉ ଗୁଣପୁର୍ ନ ବଂଶଧାରା ନଦୀର୍ ଜଲ୍‌ସ୍ତର୍ କମ୍‌ବାର୍‌କେ ଲାଗିଛେ । ଇହାଦେ ବନ୍ୟା ସ୍ଥିତିଥି ସୁଧାର୍ ଆସିଛେ ବଲି ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ସେଆଡ଼େ ଆଏବା ୫ ଦିନ୍‌ତକ୍ ବର୍ଷା ହେବାର୍ ସମ୍ଭାବନା ନାଇଁନ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଲନ୍ କରାଯାଇଛେ । କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଲଘୁଚାପ୍ ଉତର୍ ପୂର୍ବ ମଧ୍ୟପ୍ରଦେଶ୍ ଆଉ ତାର୍ ପାଖର୍ ଇଲାକା ନ ସକ୍ରିୟ ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଇଟା ପଶ୍ଚିମ ଉତର୍ ପଶ୍ଚିମ ଦିଗ୍‌କେ ଯିବାର୍ ସମ୍ଭାବନା ରହିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେତକ୍ ୬ ଶହ ୨୭ ଦଶ୍‌ମିକ୍ ୪/୭ ଫୁଟ୍ ରହିଥିଲା । ଇହାଦେ ୭ ଟା ଗେଟ୍, ପାୱାର୍ ଚେନାଲ୍ ଆର୍ ଭିନ୍ ଭିନ୍ କେନାଲ୍ ଦେଇକରି ଫିଂ ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୧ ଲାଖ୍ ୪୮ ହଜାର୍ ୩ ଶହ ୫ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ସମାନ୍ ପରିମାଣର ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।